OFFICE OF THE TAHASILDAR ★ BRAHMAGIRI ★

# ତହସିଲଦାରଙ୍କ କାର୍ଯ୍ୟାଳୟ ବ୍ରହ୍ମଗିରି

ଲିଜ ମୋକଦମା ସଂଖ୍ୟା - ୦୧ /୨୦୨୬
(Lease Case No:- 01 /2026)

## ସର୍ବସାଧାରଣ ଇସ୍ତାହାର

ଏତଦ୍ଦ୍ୱାରା ମୌଜା- ସିପସୁରୁବୁଲି , ଥାନା- ବ୍ରହ୍ମଗିରି-୭୮ , ଜିଲ୍ଲା-ପୁରୀର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **Infrastructure Development Odisha Corporation, Bhubaneswar** ଙ୍କ ଦରଖାସ୍ତ ଅନୁଯାୟୀ **"Land bank & Allied Activities"** ନିମନ୍ତେ ନିମ୍ନଲିଖିତ ବୃତ୍ତିଭୁକ୍ତ ସରକାରୀଜମିକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା ସରକାରଙ୍କ ନିୟମାବଳୀ ଅନୁଯାୟୀ ୯୯ ବର୍ଷ ପାଇଁ ଲିଜ ସୂତ୍ରେ ବ୍ୟବହାର କରିବା ନିମନ୍ତେ ଦରଖାସ୍ତ କରିଅଛନ୍ତି । ଉକ୍ତ ବୃତ୍ତିଭୁକ୍ତ ସରକାରୀଜମି ଅନାବାଦୀ ଖାତା ଭୁକ୍ତ ଥାଇ କିସମ ପତିତ ହୋଇଥିବା ହେତୁ ତାହା ଲିଜ ମୋକଦମା ମାଧମରେ ଜିଲ୍ଲାପାଳ, ପୁରୀ ଙ୍କୁ ପ୍ରେରଣ କରାଯିବା ନିମନ୍ତେ ବିଚାରଧିନ ଅଛି ।

ତେଣୁ ଏହି ପ୍ରସ୍ତାବ ଓ ନିମ୍ନଲିଖିତ ତଫସିଲଭୁକ୍ତ ସରକାରୀ ଜମିକୁ ୯୯ ବର୍ଷ ପାଇଁ ଲିଜ ସୂତ୍ରେ ବ୍ୟବହାର କରିବା ବାବଦରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି କିମ୍ବା ଅଭିଯୋଗ ଥାଏ, ତେବେ ଏହି ଇସ୍ତାହାର ଜାରି ହେବାର ୧୫ ଦିନ ମଧରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କଲେ ତାହା ବିଚାର କୁ ନିଆଯିବ। ଧାର୍ଯ୍ୟ ସମୟଗତେ କୌଣସି ଆପତ୍ତି କିମ୍ବା ଅଭିଯୋଗ ଗ୍ରହଣ କରାଯିବ ନାହିଁ।

### ତଫସିଲ ବୃତ୍ତି

| ମୌଜା | ଖାତା ନଂ | ପ୍ଲଟ ନଂ | ଏରିଆ | କିସମ |
|---|---|---|---|---|
| ସିପସୁରୁବୁଲି | ୫୨୦ (ଆ.ଯୋ.ଅ) | ୫୮୮ | ଏ ୧.୫୦ ଡି. ସ୍ମ ଏ ୦.୫୪ ଡି | ପତିତ |
| | | ୫୮୯ | ଏ ୪.୫୬ ଡି. ସ୍ମ ଏ ୨.୦୯ ଡି | ପତିତ |
| | | ୫୯୨ | ଏ ୩.୩୩ ଡି. ସ୍ମ ଏ ୧.୮୭ ଡି | ପତିତ |
| | | | ଏ ୪.୫୦ଡି. | |

07.02.26

ତହସିଲଦାର, ବ୍ରହ୍ମଗିରି
TAHASILDAR
BRAHMAGIRI

**ସ୍ମାରକ ସଂଖ୍ୟା:** ୨୩୮ / **ତାରିଖ:** ୦୭/୦୨/୨୦୨୬

ଉକ୍ତ ସର୍ବସାଧାରଣ ଇସ୍ତାହାରର ପ୍ରତିଲିପି ସମ୍ପୃକ୍ତ ମୌଜା- ସିପସୁରୁବିଲି ଥାନା-୭୮, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ବ୍ରହ୍ମଗିରି, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବ୍ରହ୍ମଗିରି , ତହସିଲ କାର୍ଯ୍ୟାଳୟ ବ୍ରହ୍ମଗିରି ଓ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଗୋରୁଆଳଙ୍କ ବିଜ୍ଞାପନ ଫଳକରେ ଲଟକାଇବା ସହ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

07.02.26

ତହସିଲଦାର, ବ୍ରହ୍ମଗିରି
TAHASILDAR
BRAHMAGIRI